ଧରିତ୍ରୀ
DHARITRI
ମଙ୍ଗଳବାର, ୧୯ ଏପ୍ରିଲ, ୨୦୨୨



**ସ୍ୱାସ୍ଥ୍ୟ ସଚେତନତା ପ୍ରଶିକ୍ଷଣ ଶିବିର**

କୁଳିଅଣା,( ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ଆରୋଗ୍ୟ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଡା. ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରବୀର ପ୍ରଧାନ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ୟାମଶଙ୍କର ଶତପଥୀ,ସମ୍ମାନିତ ଅତିଥି ଅନୀଲ କୁମାର ତ୍ରିପାଠୀ, ସତ୍ୟଜିତ ମହାପାତ୍ର, ବିନ୍ଦୁରେଖା ପାତ୍ର, ଦେବୀଅର୍ଚ୍ଚନା ମହାପାତ୍ର ବକ୍ତବ୍ୟ ଦେଇଥିଲେ। ଖୁଲଣା ପରିଡା ସ୍ୱାଗତ ଭାଷଣ ଓ ଗଗନ ଚନ୍ଦ୍ର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବନ୍ଧୁକମୁନରେ ୨.୭ ଲକ୍ଷ ଟଙ୍କା ଲୁଟ୍

ବଡ଼ବିଲ, ୧୮।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଠାକୁରାଣୀସ୍ଥିତ ଲୌହ ଖଣିର ମୁଖ୍ୟ ଫାଟକ ନିକଟରେ ଥିବା ଏକ ଖଣିଜ ପରିବହନକାରୀ ସଂସ୍ଥାର ଅସ୍ଥାୟୀ କାର୍ଯ୍ୟାଳୟରୁ ସୋମବାର ପୂର୍ବାହ୍ନରେ ବନ୍ଧୁକ ମୁନରେ ଏକ ବଡ଼ଧରଣର ଲୁଟ ହୋଇଛି।ସୂଚନା ଅନୁଯାୟୀ, ଏକ କଳାରଙ୍ଗର ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ଫାଙ୍କା ଗୁଳିଚାଳନା କରି ୨ଲକ୍ଷ ୭୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଲୁଟିବା ପରେ ଦୁର୍ବୃତ୍ତ ମାନେ ଝାଡ଼ଖଣ୍ଡ ରାଜ୍ୟ ଆଡ଼କୁ ପଳାୟନ କରିବା ଜଣାପଡିଛି। ବଡ଼ବିଲ ପୋଲିସ ଏନେଇ ଘଟଣାର ତଦନ୍ତ ଆରମ୍ଭ କରିଛି। ରାଜ୍ୟ ସୀମାନ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ ଜୋରଦାର ତଦନ୍ତ ଜାରିରହିଛି ବୋଲି ବଡ଼ବିଲ ଇନ୍‌ସପେକ୍ଟର ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।

### ନିର୍ଯାତନା ମାମଲାରେ ସ୍ୱାମୀଙ୍କୁ ୩ ବର୍ଷ ଜେଲ୍

ଆନନ୍ଦପୁର,୧୮। ୪(ସ୍ୱ.ପ୍ର.): ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ ସୋମବାର ଏକ ବଧୂ ନିର୍ଯାତନା ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜନ କୁମାର ସୁତାର ଏହି ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀ ତ୍ରିଲୋଚନ ଜେନାଙ୍କୁ ୩ ବର୍ଷ ଜେଲଦଣ୍ଡ ସହିତ ୩ ହଜାର ଟଙ୍କା ଜରିମାନାର ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ଆନନ୍ଦପୁର ଥାନା ଅଞ୍ଚଳର ଶାନ୍ତିଲତା ବେହେରା ଘସିପୁରା ଥାନା ଅନ୍ତର୍ଗତ ହାତିବନ୍ଧା ଗ୍ରାମର ତ୍ରିଲୋଚନ ଜେନାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଯାନୀ ଯୌତୁକ, ଘରକରଣା ଉପକରଣ ସହିତ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ବିବାହ ପରେ ଅଧିକ ଯୌତୁକ ଦାବିରେ ବିଭିନ୍ନ ସମୟରେ ଶାନ୍ତଲତା ଶ୍ୱଶୁର ଘର ଲୋକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆସୁଥିଲେ। ଶେଷରେ ୨୬।୧୧।୨୦୧୮ରେ ଶାନ୍ତିଲତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ବୁଦ୍ଧଦେବ ବେହେରା ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘସିପୁରା ପୋଲିସ ଏନେଇ ଏକ ମାମଲା (ନଂ.୨୪୮/୧୮) ମାମଲା ରୁଜୁ କରି ତଦନ୍ତ କରିଥିଲେ। ବିଚାର ହୋଇଥିବା ଏହି ମାମଲାକୁ ସରକାରୀ ଆଇନଜୀବୀ ଅଶ୍ୱନୀ କୁମାର ମଲ୍ଲିକ ପରିଚାଳନା କରିଥିଲେ।

### ୨ବଖରା ଜଳିଗଲା

ଆନନ୍ଦପୁର,୧୮। ୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ୮ ନଂ ୱାର୍ଡ ରଞ୍ଜିତା ନାଥଙ୍କ ଦୁଇ ବଖରା ଘର ପୋଡି ପାଉଁଶ ହେବା ସହିତ ଘରେ ଥିବା ୫ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ରବିବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ଏଭଳି ଘଟଣା ଘଟିଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବାବେଳେ ଘରର ସମସ୍ତ ଆସବାବ ପତ୍ର ପୋଡିଯାଇଛି। ଅଗ୍ନିକାଣ୍ଡରେ ରଞ୍ଜିତା ବାସହରା ହୋଇଥିବାବେଳେ ତୁରନ୍ତ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ୮ ନଂ ୱାର୍ଡ କାଉନସିଲର ସୁରେନ୍ଦ୍ର କୁମାର ଦାସ ଦାବି କରିଛନ୍ତି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଜଳେଶ୍ୱର, ୧୮।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ନିକଟ ୫୭ନଂ. ରାଜ୍ୟ ରାଜପଥର ବାଗପୁଞ୍ଜି ନିକଟ ନାମ୍ପୋପୋଲଠାରେ ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ସିଂଲା ଥାନା ଜାମଶୋଳିର ଗଙ୍ଗାଧର ମୁର୍ମୁ(୩୬)। ସେ କୋଲକାତାର କୋଲାଘାଟ ଅଞ୍ଚଳର ଏକ ଚିଙ୍ଗୁଡି ଫାର୍ମରେ କାମ କରୁଥିଲେ। ସେଠାରେ ଜଳେଶ୍ୱର ଥାନା କୁଣ୍ଡଳି ଗ୍ରାମର ମହେଶ୍ୱର ହାଁସଦା(୩୦)ଙ୍କ ସହିତ ତାଙ୍କର ବନ୍ଧୁତା ସ୍ଥାପନ ହୋଇଥିଲା। ସେମାନେ ଦୁହେଁ ଗତ ରବିବାର ଜଳେଶ୍ୱର ଫେରି ନାମ୍ପୋ ଥାନା ତାଳବଣିଆ ଗାଁର ରବି ମୁର୍ମୁଙ୍କ ଘରକୁ ଯାଇଥିଲେ। ସୋମବାର ସକାଳେ ଉଭୟେ ରାସ୍ତା ପାଖରେ ଥିବା ଢାବାକୁ ଯାଇ ମଦ ପିଇଥିଲେ। ସେଠାରେ ଗଙ୍ଗାଧର ଅସୁସ୍ଥ ହୋଇପଡିବାରୁ ଏକ ଟେମ୍ପୋରେ ତାଙ୍କ ଶ୍ୱଶୁର ଘର ରାସଗୋବିନ୍ଦପୁର ଥାନା ବାରମାଇଲକୁ ଯିବା ପାଇଁ ବାହାରିଥିଲେ। ନାମ୍ପୋଠାରେ ତାଙ୍କର ମୃତ୍ୟୁ ଘଟିବାରୁ ଟେମ୍ପୋ ସେମାନଙ୍କୁ ଓହ୍ଲାଇଦେଇ ପଳାଇ ଯାଇଥିଲା। ୧୦୮ ଆମ୍ବୁଲାନ୍ସରେ ଜିକେଭଙ୍ଗର ହସ୍‌ପିଟାଲକୁ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରାହ୍ନରେ ପରିବାର ଲୋକ ଆସିବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ଉଲ୍ଲେଖଯୋଗ୍ୟ, ଗଙ୍ଗାଧରଙ୍କ ସ୍ତ୍ରୀ ସାଲଗେ ଗର୍ଭବତୀ ଅଛନ୍ତି।

# ଧାମନଗର ସମବାୟ ସମିତିରେ ଅଚଳାବସ୍ଥା

## ଜିଲାପାଳଙ୍କୁ ଭେଟିଲେ ସଦସ୍ୟ

ଭଦ୍ରକ ଅଫିସ, ୧୮।୪

ଭଦ୍ରକ ଜିଲା ଧାମନଗର ସେବା ସମବାୟ ସମିତିରେ ଅଚଳାବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସମିତିରେ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତି ଏବଂ ରାଜନୈତିକ ହସ୍ତକ୍ଷେପ ପ୍ରତିବାଦରେ ସୋମବାର ସଦସ୍ୟମାନେ ଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି। ଏହି ସମିତି ଅଧୀନରେ ଧାମନଗର ଏନ୍‌ଏସି ସମେତ ରାଧାବଲ୍ଲଭପୁର ପଞ୍ଚାୟତ ରହିଛି। ସମିତିରେ ପାଞ୍ଚ ହଜାରରୁ ଅଧିକ ସଦସ୍ୟ ଏବଂ ଋଣୀ ସଭ୍ୟ ପଞ୍ଜୀକୃତ ଅଛନ୍ତି। ଗତ କିଛିଦିନ ଧରି ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ଜଣେ ନେତା ଏବଂ ସମିତି କର୍ମଚାରୀ ସଂଘର ଜଣେ ନେତା ଉଦ୍ଦେଶ୍ୟମୂଳକ ଭାବେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଦୁଇ ବ୍ୟକ୍ତି ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବେ ସମିତିରୁ ଲକ୍ଷାଧିକ ଟଙ୍କାର ଋଣ ନେଇ ପରିଶୋଧ କରୁ ନ ଥିବାବେଳେ ସମ୍ପାଦକ ଏବଂ ଅନ୍ୟ କର୍ମଚାରୀଙ୍କୁ ଧମକ ଦେଇ ପୁନର୍ବାର ଋଣ ପାଇଁ ଚାପ ପକାଉଥିବା କୁହାଯାଇଛି। ସମିତି ସଦସ୍ୟମାନଙ୍କ ସହ ଲୋକପ୍ରତିନିଧି ଜିଲାପାଳ ତ୍ରିଲୋଚନ ମାଝିଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଏଥିସହ ସମବାୟ ବିଭାଗର ଡିଆର୍‌ସିଏସ୍, ଏଆର୍‌ସିଏସ୍ ପ୍ରମୁଖଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ସମାଧାନ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ରାଧାବଲ୍ଲଭପୁର ସରପଞ୍ଚ ପ୍ରୀତମ ଦାସ, ଦାମୋଦର ଜେନା, ରଶ୍ମିରଞ୍ଜନ ସାମଲ, ଅଜୟ ବେହେରା, ଛବିନ୍ଦ୍ର ସାହୁ, ଗୋବିନ୍ଦ ମହାନ୍ତି, ବାବାଜୀ ପରିଡ଼ା, କାଉନ୍‌ସିଲର ସ୍ୱାଧୀନ ସୁନ୍ଦର ଦାସ, ପ୍ରଶାନ୍ତ ପରିଡ଼ା, ଆଶିଷ ଦାସ, ଲକ୍ଷ୍ମଣ ବେହେରା, ବୈରାଗୀ ରାଉତ, ସୁଜିତ ମହାନ୍ତି ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମିତି ସଦସ୍ୟ ଓ ଅନ୍ୟମାନେ।

# ନାବାଳିକା ବଳାତ୍କାର ମାମଲାରେ ୧୦ ବର୍ଷ ଜେଲ

କେନ୍ଦୁଝର, ୧୮।୪ (ସ୍ୱ.ପ୍ର.)

ସ୍ଥାନୀୟ ଅତିରିକ୍ତ ଜିଲା ତଥା ସ୍ୱତନ୍ତ୍ର ଜଜ୍ ଶୁଭଶ୍ରୀ ତ୍ରିପାଠୀ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ସୋମବାର ରାୟ ପ୍ରକାଶ କରିଛନ୍ତି। ଜଜ୍ ତ୍ରିପାଠୀ ଅଭିଯୁକ୍ତ ଗୋବିନ୍ଦ ସୋରେନ (୨୨)ଙ୍କୁ ଦଶ ବର୍ଷ ଜେଲ ଓ ୫ ହଜାର ଟଙ୍କା ଅର୍ଥ ଦଣ୍ଡାଦେଶ କରିଛନ୍ତି। ଅର୍ଥ ଅନାଦାୟ ଅଧିକ ତିନି ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ ରହିଛି।

ପ୍ରକାଶ ଯେ, ୨୦୧୭ ମସିହା ଜାନୁୟାରୀ ୧୫ ତାରିଖରେ ବାମେବାରୀ ଥାନା ଅନ୍ତର୍ଗତ ଗଡତୁଆଁ ଗ୍ରାମକୁ ମେଳା ଦେଖିବାକୁ ଉକ୍ତ ନାବାଳିକା ଯାଇଥିଲେ। ସେଠାରେ ଗୋବିନ୍ଦଙ୍କ ସହିତ ତାଙ୍କର ଦେଖାହୋଇଥିଲା। ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଗୋବିନ୍ଦ ପାଖ ନାଳକୁ ନେଇ ବଳାତ୍କାର କରିଥିଲା ବୋଲି ଅଭିଯୋଗ ହୋଇଛି। ଏନେଇ ସେ ପାଟି କରିବାରୁ ଗୋବିନ୍ଦ ଉକ୍ତ ନାବାଳିକାଙ୍କୁ ମେଳାରେ ଛାଡି ପଳାଇଥିଲେ। ଏନେଇ ନାବାଳିକା ଜଣଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଗୋବିନ୍ଦଙ୍କ ଘରକୁ ଯାଇ ଘଟଣାର ଆପୋଷ ବୁଝାମଣା କରି ସମାଧାନ କରିବାକୁ କହିଥିଲେ। କିଛି ମାସ ପରେ ଗୋବିନ୍ଦ ଉକ୍ତ ନାବାଳିକାଙ୍କୁ ଗ୍ରହଣ କରିବାକୁ ଅରାଜି ହେବାରୁ ତାଙ୍କ ପରିବାର ଲୋକ ବାମେବାରୀ ଥାନାରେ ଅଭିଯୋଗ କରିଥିଲେ। ବାମେବାରୀ ପୋଲିସ ଅଭିଯୋଗ ଗ୍ରହଣ କରି ଏକ ମାମଲା (ନଂ.୪୫/୨୦୧୭) ରୁଜୁ କରି ପୋକ୍ସୋ ଆଇନରେ ଗୋବିନ୍ଦଙ୍କୁ ଗିରଫ କରିଥିଲେ। ୧୧ ଜଣ ସାକ୍ଷୀ ଓ ପ୍ରମାଣକୁ ଭିତ୍ତି କରି ସ୍ୱତନ୍ତ୍ର କୋର୍ଟ ଏହି ଦଣ୍ଡାଦେଶ କରିଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମାହାପାତ୍ର କହିଛନ୍ତି। କ୍ଷତିପୂରଣ ବାବଦ ପିଡିତାଙ୍କୁ ୪ ଲକ୍ଷ ଟଙ୍କା ଆଇନ ଅନୁଯାୟୀ ସହାୟତା ଦେବାକୁ ସରକାରଙ୍କୁ କୋର୍ଟ ଆଦେଶ କରିଛନ୍ତି।

# ରଥ ନିର୍ମାଣକୁ ନେଇ ଅନିଶ୍ଚିତତା

ବାରିପଦା ଅଫିସ,୧୮।୪

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉ ବୀଜେଙ୍କ ରଥଯାତ୍ରା ପାଇଁ ରଥ ପ୍ରସ୍ତୁତ ନିମନ୍ତେ ଦେବୋତ୍ତର ବିଭାଗ ପକ୍ଷରୁ ରଥ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରଥ କାର୍ଯ୍ୟ ପ୍ରସ୍ତୁତି ୧୯ ଏପ୍ରିଲରୁ ଆରମ୍ଭ କରି ଜୁନ ୧୮ସୁଦ୍ଧା ଶେଷକରି ଚିଠି ମାଧ୍ୟମରେ କାର୍ଯ୍ୟାଳୟକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ ଆରମ୍ଭ କରିବାକୁ ବିଭାଗ ପକ୍ଷରୁ ତାଗିଦ କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ଆବଶ୍ୟକ କାଠ ଯୋଗାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ରଥ ନିର୍ମାଣକୁ ନେଇ ଅନିଶ୍ଚିତତା ଦେଖାଦେଇଛି।

ଚଳିତ ବର୍ଷ ଜୁଲାଇ ୧ତାରିଖରେ ମହାପ୍ରଭୁ ରଥକୁ ପହଣ୍ଡି ବିଜେ କରିବେ। ରଥ ନିର୍ମାଣ କରିବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଚିଠି ନଂ. ୧୭୫/୧୮ ଏପ୍ରିଲ ୨୦୨୨ରେ ଅବଗତ କରାଯାଇଛି। ରଥ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ବାର୍ଛିଆ, ପୋଟଲଚିରା, ବିନ୍ଧାଣୀ ଓ ଦଉଡିବୋଳାଙ୍କୁ ନେଇ ରଥକାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରବଳ ଖରା ହେତୁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରଥ କାର୍ଯ୍ୟ ବନ୍ଦ କରିବାକୁ କୁହାଯାଇଛି। ଏହା ସହିତ ରଥ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ପାଇଁ ଡେପୁଟି ଜିଲାପାଳ ମୋହିନୀ କୁମାର ନାଏକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ରଥ ପ୍ରସ୍ତୁତ ନିମନ୍ତେ କାଠର ଘୋର ଅଭାବ ରହିଥିବା ନେଇ ମୃତ୍ୟୁଞ୍ଜୟ ମହାପାତ୍ର ଓ ସମସ୍ତ ମହାରଣା ଗତ ୧୫ତାରିଖରେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହା ସହିତ ୭ଦଫା ଦାବିକୁ ନେଇ ଆଲୋଚନା ମଧ୍ୟ କରିଛନ୍ତି। ରଥ ନିର୍ମାଣ ନିମନ୍ତେ ୪୫ଦିନ ପୂର୍ବରୁ ପ୍ରଶାସନକୁ ନୂତନ କାଠ ପାଇଁ ଚିଠା ପ୍ରଦାନ କରାଯାଇଛି। ମାତ୍ର ଅଦ୍ୟାବଧି ଜଙ୍ଗଲରୁ କାଠ ଆସି ନ ଥିବା ବେଳେ ପୁରୁଣା କାଠରେ ରଥ ନିର୍ମାଣ ଅସମ୍ଭବ ହୋଇପଡିଛି। ଗୋଦାମ ଘର ନ ଥିବାରୁ ପୁରୁଣା କାଠଗୁଡିକ ଖରାବର୍ଷା ଖାଇ ଅଧିକାଂଶ ନଷ୍ଟ ହୋଇଯାଇଛି। ଉକ୍ତ କାଠ ଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇଥିବା ଜାଣି ରଥ ମହାପାତ୍ର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରି ସ୍ଥଳେ ରଥ ନିର୍ମାଣ ପାଇଁ ପ୍ରଶାସନ ଦୃଷ୍ଟି ଗୋଚର କରୁ ନ ଥିବାରୁ କାରିଗରମାନେ କିପରି ଭାବେ ରଥ ନିର୍ମାଣ କରିବେ ସେ ନେଇ ପ୍ରମାଦ ଗଣୁଛନ୍ତି। ବିଭାଗ ପକ୍ଷରୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଜନଅଶାନ୍ତି ବୃଦ୍ଧି ପାଇବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଚନ୍ଦନ କାଠ ଚୋରି: ୪ ଯାଯାବର ମହିଳା ଗିରଫ

କେନ୍ଦୁଝର, ୧୮।୪ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଟାଉନ ପୋଲିସ ସୋମବାର ଚନ୍ଦନ କାଠ ଚୋରି ଘଟଣାରେ ୪ ଜଣ ମହିଳାଙ୍କୁ ଗିରଫ କରିଛି। ମୋବାଇଲ ଚୋରି ଧରପଗଡ ବେଳେ ସେମାନଙ୍କୁ ଧରାଯାଇଥିଲା ଏବଂ ଯାଞ୍ଚ ବେଳେ ସେମାନଙ୍କ ପାଖରୁ ଚନ୍ଦନ କାଠ ଓ ଗଛ କଟା କରତ ମିଳିଥିଲା ବୋଲି ପୋଲିସ କହିଛି। ସେମାନେ ହେଲେ ଚାଖିଣୀ ସିଂ, କୋଠିବାଈ ସିଂ, ଆର୍ସେନା ସିଂ ଏବଂ କରିନା ସିଂ ବୋଲି ଜଣାପଡିଛି। ସେମାନଙ୍କର ଘର ମଧ୍ୟପ୍ରଦେଶରେ ହୋଇଥିବାବେଳେ ଯାଯାବର ହିସାବରେ କିଛି ମାସ ହେଲା କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ରହି ଛୋଟବଡ ବ୍ୟବସାୟ କରୁଥିଲେ। କେନ୍ଦୁଝର ସହର ରାସ ମାର୍କେଟ ଏବଂ କୃଷକ ବଜାରରୁ ୪ଟି ମୋବାଇଲ ଚୋରି ଘଟଣାକୁ ନେଇ ଟାଉନ ପୋଲିସ ତଦନ୍ତ କରୁଥିଲା। ପୋଲିସ ସେମାନଙ୍କୁ ସନ୍ଦେହ କରି ସୋମବାର ନରଣପୁରରେ ଚଢାଉ କରି ସେମାନଙ୍କ ଠାରୁ ୧୬ ମୋବାଇଲ ଜବତ୍ କରିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟଚାଲାଣ କରିଛି।

# ସର୍ତ୍ତରପୁରକୁ ଚାମ୍ପିୟନ ଟ୍ରଫି

ପଦ୍ମପୁର, ୧୮।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ସାନକପାଗଡ଼ିଆଠାରେ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ରାଜେନ୍ଦ୍ର ନାରାୟଣ ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୧୬ ଟିମ୍ ଏଥିରେ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ସର୍ତ୍ତରପୁର ଟିମ୍ ଏଡ଼ତାଳକୁ ହରାଇଛି। ଏଡ଼ତାଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ସମସ୍ତ ଉଇକେଟ ହରାଇ ୨୧ ରନ୍ କରିଥିଲା। ସର୍ତ୍ତରପୁର ୨.୩ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଛି। ବିଜୟୀ ଦଳକୁ ୯ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଟିମ୍‌କୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଜୟ ଜଗନ୍ନାଥ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଚନ୍ଦନ ବେହେରା ଓ ଜ୍ୟୋତିପ୍ରକାଶ ନାୟକ ସହାୟତା କରିଥିଲେ। ଅମ୍ପାୟାର ଭାବେ ନବଜ୍ୟୋତି ଦାସ ଓ ରଶ୍ମିରଞ୍ଜନ ନାୟକ ପରିଚାଳନା କରିଥିଲେ।

# ଗଡ଼ିଲା ଶିକ୍ଷା ସଚେତନତା ରଥ

ଆରଡ଼ି, ୧୮।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ମଠଡିହ ନୋଡାଲ ଓ ଆରଡ଼ି ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ଅଧୀନରେ ଥିବା ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସଚେତନ କରାଇବା ପାଇଁ ସୋମବାର ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଦୁଇ କ୍ଲଷ୍ଟରରେ ଥିବା ସ୍କୁଲ ପରିସରକୁ ରଥକୁ ନିଆଯାଇଥିଲା। ବୋଡ଼କ ଉ.ପ୍ରା. ବିଦ୍ୟାଳୟ, ସାଠିବାଙ୍କୁଡା ନୋଡାଲ, ଅମୃତମଣୋହି ପ୍ରାଇମେରୀ, ସୁନ୍ଦରପୁର ଦୋହରାପାଟଣା, ମଠଡିହ ନୋଡାଲ, ଆଖଣ୍ଡଳମଣି ଓ ନାନ୍ଦପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକମାନେ ରଥକୁ ସ୍ୱାଗତ କରିଥିଲେ। କରୋନା ପରେ ସମସ୍ତ ପିଲା କିପରି ବିଦ୍ୟାଳୟକୁ ଆସିବେ ସେଥିପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସିଆର୍‌ସିସି ନିକୁଞ୍ଜ ବିହାରୀ କର ପ୍ରକାଶ କରିଛନ୍ତି। ମଠଡିହ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟି, ଶିକ୍ଷୟିତ୍ରୀ ସୁରମା ସୁନ୍ଦରୀ ସାହୁ, ଶିକ୍ଷକ ଅଭିରାମ ପଣ୍ଡା ଓ ରଞ୍ଜୀବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ପାଇଁ ଦସ୍ତଖତ ଅଭିଯାନ

ବାଲେଶ୍ୱର ଅଫିସ, ୧୮।୪

ବାଲେଶ୍ୱର ପୌରାଞ୍ଚଳରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ରାଜ୍ୟବାସୀଙ୍କୁ ଦିଲ୍ଲୀ ଓ ପଞ୍ଜାବ ଭଳି ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିନା ଦେୟରେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ଦାବି କରି ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ଆସନ୍ତା ୨ମାସ ମଧ୍ୟରେ ଜିଲାରୁ ୧ଲକ୍ଷ ଦସ୍ତଖତ ସହ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପଠାଯିବାର ଏଏପିର ବାଲେଶ୍ୱର କର୍ମୀ ନିକୁଞ୍ଜ ମହାନ୍ତି ସୂଚନା ଦେଇଛନ୍ତି।

ପୌରାଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଏଏପି କର୍ମୀ ଏକାଠି ହୋଇ ୪ ଓ ୧୧ ନମ୍ବର ୱାର୍ଡ଼ରେ ଏହି ଦସ୍ତଖତ ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମ ଦିନରେ ୨୦୦ଜଣ ସାଧାରଣ ଲୋକ ଦସ୍ତଖତ କରିଛନ୍ତି। ଏହି ଦସ୍ତଖତ ଅଭିଯାନରେ ଲୋକମାନଙ୍କୁ କାହିଁକି ମାଗଣା ବିଦ୍ୟୁତ୍ ଦିଆଯିବାର ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ ତଥ୍ୟ ସହ ଉପସ୍ଥାପିତ କରି ଲୋକମାନଙ୍କୁ ଏହି ଆନ୍ଦୋଳନରେ ସାମିଲ୍ କରାଇ ସେମାନଙ୍କର ମୌଳିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ କର୍ମୀମାନେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଏଏପି କର୍ମୀ ମହମଦ ଇକବାଲ ଖାନ, କାହ୍ନୁ ଲେଙ୍କା, ସବିତା ଦାସ, ବାସନ୍ତୀ ରାଉତ, ଉଦୟନାଥ ଗିରି ଓ ମିଥୁନ ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ।




ଦସ୍ତଖତ ଅଭିଯାନରେ ଏଏପି କର୍ମୀ।

# ଦୁର୍ଘଟଣାରେ ଗହଣା ବ୍ୟବସାୟୀଙ୍କ ମୃତ୍ୟୁ

ବାରିପଦା ଅଫିସ,୧୮।୪

ମୟୂରଭଞ୍ଜ ଜିଲାବାରିପଦା ସଦର ଥାନା ଅଧୀନ ଶଙ୍ଖାଭଙ୍ଗା ନିକଟରେ ଏକ ଦୁର୍ଘଟଣାରେ ଜଣେ ଗହଣା ବ୍ୟବସାୟୀଙ୍କର ମୃତ୍ୟୁ ହୋଇଛି। ସେ ହେଲେ ବାରିପଦା ପୌରପରିଷଦ ୨୦ନଂ. ୱାର୍ଡର ପ୍ରଦୀପ କମିଳା(୫୧)। ସୋମବାର ଅପରାହ୍ନରେ ସେ ନିଜ ବାଇକ୍‌ରେ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଯାନ୍ତ୍ରିକ ତ୍ରୁଟି ପାଇଁ ଦୀର୍ଘଦିନରୁ ଛିଡ଼ା ହୋଇଥିବା ଏକ ଟାଟା ଏସ୍‌ସି ଭ୍ୟାନକୁ ପଛ ପଟୁ ଧକ୍କା ଦେଇ ଛିଟିକି ପଡ଼ି ମୃତ୍ୟୁବରଣ କରିଥିଲେ। ଖବର ପାଇ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଭ୍ୟାନକୁ ଜବତ କରିବା ସହିତ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

# ମାତୃପିତୃ ପୂଜନ, ସମ୍ବର୍ଦ୍ଧନା

ଧାମନଗର, ୧୮।୪

ଭଦ୍ରକ ଜିଲା ଧାମନଗର ବ୍ଲକ ଯାଦବ ମହାସଭା ଆନୁକୂଲ୍ୟରେ ଖଡ଼ିମାହାରା ଗୋପବନ୍ଧୁଜୀଉ ମନ୍ଦିର ପ୍ରାଙ୍ଗଣରେ ମାତୃପିତୃ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟକାରୀ ସଭାପତି ଅନିଲ କୁମାର ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଯାଦବ ମହାସଭାର ସଭାପତି ଡ. ସୁଧାଂଶୁ ଶେଖର ନାୟକ, ଅନ୍ୟତମ ଅତିଥି ଭାବେ ଜିଲା ସମ୍ପାଦକ ଦିଲୀପ କୁମାର ନାୟକ, ଜିଲା ଯୁବ ଯାଦବ ମହାସଭାର ସଭାପତି ଖବରଦାତା ରବିନାରାୟଣ ଖିଲାର ଏବଂ ଅଧାପକ ଡ. ଅଭୟ କୁମାର ଦାସ ଯୋଗ ଦେଇଥିଲେ। ପ୍ରଥମେ ଖଡ଼ିମାହାରା ଗ୍ରାମର ୫ ବୃଦ୍ଧାବୃଦ୍ଧ ଓ ପ୍ରତି ଜୋନ୍‌ରୁ ଜଣେ ଲେଖାଏ ଯାଦବ ମୁରବୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରିଥିବା ସମସ୍ତ ଯାଦବ ଭାଇ ଭଉଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଧାମନଗର ଓକିଲ ସଂଘ ସଭାପତି ସୁରେନ୍ଦ୍ର କୁମାର ଦାସ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ବ୍ରଜକିଶୋର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଉପସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ସତ୍ୟସୁନ୍ଦର ପରିଡ଼ା ସଭା ସଞ୍ଚାଳନା କରିଥିଲେ। ଜିଲା ଯାଦବ ମହାସଭାର କୋଷାଧକ୍ଷ ବିଷ୍ଣୁ ମୋହନ ପଲାଇ, ବ୍ଲକ ସାଧାରଣ ସମ୍ପାଦକ କୁଳମଣି ବେହେରା, ସମ୍ପାଦକ ମାଧବ ଚନ୍ଦ୍ର ଖଟୁଆ, ରାଜୀବ ଲୋଚନ ଦାସ, ପ୍ରୀତମ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଷ୍ଠୀ ସଂଘର୍ଷ ଘଟଣା: ଆଉ ୨ ଗିରଫ

ଯୋଡ଼ା, ୧୮।୪(ଡି.ଏନ.ଏ.)

କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ରାମ ନବମୀରେ ଝଣ୍ଡା ସ୍ଥାପନକୁ ନେଇ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ଉଭୟ ଗୋଷ୍ଠୀର ଆଉ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, କେସ (ନଂ.୬୫/୨୨)ରେ ଯୋଡ଼ା ବସ ଷ୍ଟାଣ୍ଡ ଅଞ୍ଚଳର ରାହୁଲ ସୋନକରଙ୍କୁ ପୋଲିସ ଗିରଫ କରିଛି। ସେହିପରି କେସ (ନଂ.୬୬/୨୨)ରେ ଯୋଡ଼ା ମୁସଲିମ ବସ୍ତିର ଦିପୁ ରବିଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ପୂର୍ବରୁ ୧୩ ଜଣଙ୍କୁ ଏହି ଗୋଷ୍ଠୀ ସଂଘର୍ଷ ମାମଲାରେ ଗିରଫ କରିଛି। ସମୁଦାୟ ଏହି ମାମଲାରେ ପୋଲିସ ୧୫ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ବହୁ ଅଭିଯୁକ୍ତଙ୍କ ସଂପୃକ୍ତି ରହିଥିବା ପୋଲିସ ପ୍ରକାଶ କରିଛି। ପ୍ରକାଶ ଯୋଗ୍ୟ କି, ରାମନବମୀ ପରବର୍ତ୍ତୀ ଦିନ ୪ନଂ ୱାର୍ଡରେ ଥିବା ଏକ ଶିବ ମନ୍ଦିରରେ ରାମ ଝଣ୍ଡା ସ୍ଥାପନକୁ ନେଇ ବିବାଦ ଘଟି ଉଭୟ ଗୋଷ୍ଠୀ ମଧ୍ୟରେ ଢେଲା ପଥର ମାଡ଼ ହୋଇଥିଲା।

# ପାଣି ପାଇଁ ଧାରଣା

ସଜନାଗଡ଼, ୧୮।୪(ଡି.ଏନ.ଏ.)

ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତର ୬ନଂ. ୱାର୍ଡ଼ ଚଳଣାପାଳ ଗ୍ରାମର ମହିଳାମାନେ ପିଇବା ପାଣି ସମସ୍ୟା ନେଇ ସୋମବାର ପଞ୍ଚାୟତ ଅଫିସ ଆଗରେ ଧାରଣାରେ ବସିଥିଲେ। ଏ ବିଷୟରେ ମହିଳାମାନେ ସରପଞ୍ଚଙ୍କୁ ଗତ ୧୧ ତାରିଖରେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ୧୩ନଂ. ଜୋନ୍ ଜିଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ ଖବର ପାଇ ଧାରଣାକାରୀଙ୍କ ସହିତ ମୋବାଇଲ ଯୋଗେ କଥା ହୋଇଥିଲେ। ପାଣି ସମସ୍ୟା ଉପରେ ଜିଲା ପରିଷଦ ବୈଠକରେ ଆଲୋଚନା କରିବା ସହ ସୁବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ୱାର୍ଡ଼ମେମ୍ବର ଚନ୍ଦ୍ରକାନ୍ତି ସିଂ, ପୁଷ୍ପଲତା ସିଂ, ଚାନ୍ଦମଣି ସିଂ, ସଞ୍ଜୁଲତା ସିଂ, ହେମଲତା ସିଂ, ରୁତୁନି ସିଂ, ଝୁମୁରୀ ସିଂ, ପୂଜାଲି ସିଂ ପ୍ରମୁଖ ଧାରଣାରେ ବସିଥିଲେ।

# ବିଜୁବାବୁଙ୍କ ପୁଣ୍ୟତିଥି ପାଳିତ

ସଜନାଗଡ଼, ୧୮।୪(ଡି.ଏନ.ଏ.)

ନୀଳଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ଯୁବ ବିଜେଡିସଭାପତି ତଥା ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶିଶିର ମହାପାତ୍ର ଫାଉଣ୍ଡେଶନ ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର ବିଜୁବାବୁଙ୍କ ପୁଣ୍ୟତିଥି ପାଳନ କରିବା ଅବସରରେ ନୀଳଗିରିରେ ବିଜୁ ବାବୁଙ୍କ ସର୍ବବୃହତ୍ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଘୋଷଣା କରିଥିଲେ। ଏଥିରେ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ସହ ଦେଢ଼ ବର୍ଷରେ ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନୀଳଗିରିରେ ନିର୍ମାଣ ହେବା ଏକ ଗୌରବର କଥା ବୋଲି କୁହାଯାଇଛି। ଏହାଦ୍ୱାରା ନୀଳଗିରିରେ ଆଉ ଏକ ତୀର୍ଥସ୍ଥଳୀ ନିର୍ମାଣ ହୋଇପାରିବ ବୋଲି ମଧ୍ୟ ମହାପାତ୍ର ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା

ପାଟଣା,୧୮।୪(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆସ୍ଥିତ ଏରିଆ ହସ୍ପିଟାଲରେ ସୋମବାର ବ୍ଲକ ଆୟୁଷ୍ମାନ ଭାରତର ୪ର୍ଥ ଜନ୍ମବାର୍ଷିକ ପୂର୍ତ୍ତି ଅବସରରେ ବ୍ଲକ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଛି। ଏହି ସ୍ୱାସ୍ଥ୍ୟମେଳାରେ ଯୋଗ, ଫିଜିଓଥେରାପି, କୋଭିଡ ଟିକାକରଣ, ଟେଲି ମେଡ଼ିସିନ ସେବା, ଚକ୍ଷୁ ଏବଂ ଅନ୍ୟାନ୍ୟ ରୋଗର ଚିକିତ୍ସା କରାଯାଇଥିଲା। ଏଥିରେ ସ୍ଥାନୀୟ ୩୩୬ ରୋଗୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ ଅଧ୍ୟକ୍ଷା ଶୁକାନ୍ତି ନାଏକ, ବ୍ଲକ ଉପାଧ୍ୟକ୍ଷା ବୀଣାପାଣି ନାୟକ, ୨୩ ନମ୍ବର ଜୋନ ଜିଲାପରିଷଦ ସଭ୍ୟା ରୁନୁ ମହାନ୍ତ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଶୁଭେନ୍ଦୁ ସାଗର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ତିବାସିନ୍ଦାଙ୍କ ଭୟରେ ତହସିଲ ଅଫିସ ଫାଟକରେ ତାଲା

ବାଲେଶ୍ୱର ଅଫିସ, ୧୮।୪

ବାଲେଶ୍ୱର ସହରର ବିଭିନ୍ନ ବସ୍ତି ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ଚାଲିଥିବା ବେଳେ ସଦର ତହସିଲ ଅଫିସ୍ ଫାଟକ ବନ୍ଦ ହୋଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ଅଞ୍ଚଳରୁ ଲୋକମାନେ କାମ ପାଇଁ ତହସିଲ ଅଫିସ୍‌କୁ ଆସି ବନ୍ଦ ଥିବା ଦେଖି ଫେରିଯାଇଥିଲେ। କିଛି ଲୋକ ଏହାର କାରଣ ତହସିଲ ଭିତରେ ଥିବା କର୍ମଚାରୀଙ୍କୁ ପଚାରି ବୁଝିଥିଲେ। ବିଭିନ୍ନ ଅଞ୍ଚଳରେ ହେଉଥିବା ଉଚ୍ଛେଦକୁ ବିରୋଧ କରି ଲୋକମାନେ ତହସିଲ ଅଫିସକୁ ପଶିଯିବା ଭୟରେ ଫାଟକ ବନ୍ଦ କରାଯାଇଥିବା କର୍ମଚାରୀମାନେ କହିଛନ୍ତି। କିନ୍ତୁ ତହସିଲ କାମରେ ଆସିଥିବା ଲୋକମାନେ ଖରାଦିନେ ବାହାରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଏନେଇ ତହସିଲଦାର ଅନାମିକା ସିଂ କହିଛନ୍ତି, ଗତ ୧୧ତାରିଖରେ ଅଙ୍ଗାରଗଡ଼ିଆ ସ୍ଥିତ ଆଇଟିଆଇ ପଡ଼ିଆରେ ଜବରଦଖଲ କାରୀଙ୍କୁ ଉଚ୍ଛେଦ କରାଯାଇଥିଲା। ଜବରଦଖଲକାରୀମାନେ ୧୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ତହସିଲ ଅଫିସ୍‌ରେ ଆମରଣ ଅନଶନ କରିବା ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିପାଇଁ ପୋଲିସ ମୁତୟନ କରାଯାଇଥିଲା। ସୋମବାର ପୂର୍ବାହ୍ନ ୭ରୁ ୮ଜଣ ଜବରଦଖଲକାରୀ ଅଫିସ୍ ସମ୍ମୁଖରେ ପହଞ୍ଚି ଆନ୍ଦୋଳନ କରିବାର ଚେଷ୍ଟା କରୁଥିବା ବେଳେ ପୋଲିସ ସେମାନଙ୍କୁ ବାରଣ କରିଥିଲା। ପରେ ସେମାନେ ପଳାଇଯାଇଥିଲେ। ଏଥିପାଇଁ କିଛି ସମୟ ତହସିଲ ଗେଟ୍‌କୁ ବନ୍ଦ କରାଯାଇଥିଲା। ସାଧାରଣ ଲୋକଙ୍କ ଅଟକାଯାଇ ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରାଯାଇ ନ ଥିବାର ପ୍ରକାଶ କରିଥିଲେ।



ଫାଟକରେ ତାଲା ପଡିଥିବାରୁ ଲୋକେ ବାହାରେ ଖରାରେ ଠିଆ ହୋଇଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୯ ଏପ୍ରିଲ, ୨୦୨୨

## ମାଛ ଧରିବାକୁ ଆସି ପ୍ରାଣ ଗଲା

କୁଳିଅଣା, (ସ୍ୱ.ପ୍ର): ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଆଡଶିଳି ଗ୍ରାମ ଦେଇ ଯାଇଥିବା ବୁଢ଼ାବଳଙ୍ଗ ନଦୀ କାକଡିଶଳ ଘାଟରେ ମାଛ ଧରୁଥିବା ବେଳେ ପାଣିରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାରିପଦା ୨୪ନଂ. ୱାର୍ଡର ଚାମୁଟୁ ସିଂ। ଅନ୍ୟ ଦୁଇ ଜଣଙ୍କ ସହ ମାଛ ଧରିବାକୁ ଆସିଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ଏନେଇ କୁଳିଅଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୨) ରୁଜୁ ହୋଇଛି।



## ସଂକ୍ଷେପରେ

### ଟଙ୍କା, ସୁନା ଲୁଟିନେଲେ ଦୁର୍ବୃତ୍ତ

ଉଦଳା,୧୮।୪ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ବ୍ୟାଙ୍କ କଲୋନୀରୁ ସୋମବାର ସ୍ପଷ୍ଟ ଦିବାଲୋକରେ ଲୁଟ ହୋଇଛି। ଉଦଳା ଥାନାଠାରୁ ମାତ୍ର ୫ଶହ ମିଟର ଦୂରରେ ଅବସ୍ଥିତ ଏହି ସ୍ଥାନର ଜଣେ ବ୍ୟକ୍ତିଙ୍କ ଘରେ ପଶି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସମେତ ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ବ୍ୟାଙ୍କ କଲୋନୀର ବାସିନ୍ଦା ଅନାଦୀ ଚରଣ ଗାଁଆଣ ଏବଂ ତାଙ୍କ ସ୍ତ୍ରୀ ଉଭୟ ଚାକିରି କରୁଥିବା ବେଳେ ସୋମବାର ପୂର୍ବାହ୍ନ ୧୦ଟାରେ ଘରୁ କାର୍ଯ୍ୟକ୍ଷେତ୍ରକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ଡିଜେ ଗାଡ଼ି ଅଟକ ରଖିବା ପ୍ରତିବାଦରେ ଧାରଣା

ମୋରଡା,୧୮।୪(ଡି.ଏନ.ଏ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ଏକ ଡିଜେ ଗାଡ଼ିକୁ ଅଟକ ରଖିବା ପ୍ରତିବାଦରେ ମୋରଡ଼ା ଗ୍ରାମବାସୀ ସୋମବାର ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ୧୪ ତାରିଖ ପଣାସଂକ୍ରାନ୍ତି ଉପଲକ୍ଷେ ମୋରଡ଼ା ଗ୍ରାମରେ ହୋଇଥିବା ଡିଜେ ସାଉଣ୍ଡ ପ୍ରତିଯୋଗିତାରେ ଏକ ୨୦ ଫୁଟର ସାଉଣ୍ଡ ସିଷ୍ଟମ ତଳେ ନାଚୁଥିବା ୩ ଯୁବକଙ୍କ ଉପରେ ପଡ଼ିବାରୁ ସେମାନେ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୋଲିସ ଡିଜେ ଗାଡ଼ିକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣାର ୪ ଦିନ ବିତିଯାଇଥିଲେ ମଧ ପୋଲିସ ଡିଜେ ଗାଡିକୁ ନ ଛାଡିବାରୁ ଗ୍ରାମବାସୀ ଏହାର ବିରୋଧ କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିଥିଲା।

### ଲଙ୍ଗଳେଶ୍ୱର ଶୈବପୀଠରେ ଚଡ଼କ ଯାତ୍ରା ଶେଷ

ଲଙ୍ଗଳେଶ୍ୱର, ୧୮।୪(ଡି.ଏନ.ଏ.): ବାଲିଆପାଳ ବ୍ଲକ ପ୍ରମୁଖ ଶୈବପୀଠ ବାବା ଲଙ୍ଗଳେଶ୍ୱର ଶୈବପୀଠରେ ଚଡ଼କ ଯାତ୍ରା ପାଳିତ ହୋଇଯାଇଛି। ବ୍ରତଧାରୀମାନେ ସୋମବାର ଅପରାହ୍ନରେ ଏକ ବିଶାଳ ଶୋଭାଯାତ୍ରାରେ ୧୩ ଭକ୍ତଙ୍କ ସହ ପଦ୍ମଦିଗି ସ୍ଥିତ ହାକାଣ୍ଡ ଘାଟକୁ ଯିବା ପରେ ପରମ୍ପରା ଅନୁଯାୟୀ ଭକ୍ତା ମାନେ ମାଳଚନ୍ଦନୀ ହେବା ପରେ ମହାଦେବଙ୍କ ନିକଟରେ ମାନସିକ କରିଥିଲେ। ବହୁ ଭକ୍ତ ନିଜ ଦେହରେ ଲୁହାକଣ୍ଟା ଓ ଛୁଞ୍ଚି ଫୋଡ଼ି ବାଦ୍ୟର ତାଳେ ତାଳେ ନୃତ୍ୟ କରି ଲଙ୍ଗଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ପାଟଭକ୍ତା ଭାବେ କାର୍ତ୍ତିକ ଚନ୍ଦ୍ର ଦାସ ମହାପାତ୍ର, ପୂଜକ ଚିତ୍ତରଞ୍ଜନ ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ।

### ନାଗରିକ ମଞ୍ଚର ରେଳରୋକୋ ସ୍ଥଗିତ

ସୋର, ୧୮।୪(ଡି.ଏନ.ଏ.): ସୋର ନାଗରିକ ମଞ୍ଚ ତରଫରୁ ସୋର ରେଳଷ୍ଟେଶନର ବହୁବିଧ ସମସ୍ୟା ସମାଧାନ ଦାବି ନେଇ ଆସନ୍ତା ୨୦ ତାରିଖରେ ଦେଇଥିବା ରେଳରୋକୋ ଡାକରା ବିଭାଗୀୟ ଅଧିକାରୀଙ୍କ ହସ୍ତକ୍ଷେପ ଏବଂ ଆଲୋଚନା ପରେ ୧୦ ଦିନ ପାଇଁ ସ୍ଥଗିତ ରଖାଯାଇଥିବା ମଞ୍ଚ ତରଫରୁ ସୂଚନା ଦିଆଯାଇଛି। ସୋମବାର ଅପରାହ୍ନରେ ସୋର ରେଳଷ୍ଟେଶନରେ ଦକ୍ଷିଣ-ପୂର୍ବ ଖଡ଼ଗପୁର ଡିଭିଜନର ବାଣିଜ୍ୟ ନିରୀକ୍ଷକ, ଡିଟିଆଇ, ଆର୍‌ପିଏଫ୍ ଇନ୍ସପେକ୍ଟରଙ୍କ ସହିତ ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ ଏବଂ ସମ୍ପାଦକ ଡ.ନରହରି ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳଙ୍କ ସହିତ ଦାବି ସମ୍ପର୍କରେ ଆଲୋଚନା କରିଥିଲେ।

# ଉନ୍ନତ ଭାରତ ପାଇଁ ଶିକ୍ଷାର ବିକାଶ ଜରୁରୀ: ରାଜ୍ୟପାଳ

ବାହାନଗା/ସିମୁଳିଆ, ୧୮।୪(ଡି.ଏନ.ଏ.)


ବିଷ୍ଣୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସୋମବାର ବାଲେଶ୍ୱର ଜିଲା ଗସ୍ତ କରି ଦୁଇଟି ପୃଥକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେଇଛନ୍ତି। ଉନ୍ନତ ଭାରତ ଲାଗି ଶିକ୍ଷାର ବିକାଶ ଜରୁରୀ ବୋଲି ରାଜ୍ୟପାଳ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଛନ୍ତି।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଷ୍ଣୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତୀ ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ରାଜ୍ୟପାଳ ପ୍ରଫେସର ଲାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ବିଦ୍ୟାଳୟ ପରିବେଶକୁ ସୁନ୍ଦର କରୁଥିବା ଆମ ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଜଣେ ଜଣେ ଧ୍ରୁବତାରା ସଦୃଶ ହୋଇ ପାରିବେ। ସଭାପତିତ୍ୱ କରିଥିଲେ ପୁରାତନ ଛାତ୍ର ସଂସଦ ତଥା ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଭୂପାଳ ପଣ୍ଡା। ମୁଖ୍ୟବକ୍ତା ଭାବେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଯୋଗଦେଇ କଷ୍ଟ କରି ପାଠ ପଢ଼ିଲେ ଜଣେ ଛାତ୍ରୀ କିମ୍ବା ଛାତ୍ର ନିଶ୍ଚିତ ଭବିଷ୍ୟତରେ ସେ ବଡ ମଣିଷ ହୋଇ ପାରିବ ବୋଲି ବକ୍ତବ୍ୟ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗଦେଇ ରାଜ୍ୟପାଳଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ 'ସୁବର୍ଣ୍ଣ ସୃଜନୀ' ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖବରଦାତାମାନଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଅସନ୍ତୋଷ ପ୍ରକାଶ ପାଇଥିଲା। ଖବରଦାତା ଟାଣ ଖରାରେ ଠିଆ ହୋଇ ଖବର ସଂଗ୍ରହ କରିବାକୁ ବାଧ ହୋଇଥିଲେ।

ସେହିପରି ସିମୁଳିଆ ବ୍ଲକ କ୍ଷୀରକୋଣାସ୍ଥିତ ଉପେନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରାତଃରେ ଚଣ୍ଡିପାଠ ଅନୁଷ୍ଠିତ ହେବା ପରେ ଜାମୁଖାଡିରୁ କ୍ଷୀରକୋଣା ପର୍ଯ୍ୟନ୍ତ ୬କି.ମି. ବ୍ୟାପୀ ଗଣଦୌଡ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଯାଜ୍ଞାନନ୍ଦ ସାଗରଙ୍କ ମଞ୍ଚ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ରାଜ୍ୟପାଳ ଡ. ପ୍ରଫେସର ଗଣେଶୀ ଲାଲ ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ସ୍ମୃତି ଫଳକର ଉନ୍ମୋଚନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ପରିବେଶ ପ୍ରଦୂଷଣ, କୃଷକ ପ୍ରଗତି, ଯୁବ ଚେତନା ସମ୍ପର୍କରେ ସୂଚନା ଦେବା ସହିତ ପାଶ୍ଚାତ୍ୟ ସଂସ୍କୃତି ଠାରୁ ଭାରତର ସଂସ୍କୃତି ମହାନ । ପ୍ରଥମେ ନିଜ ସଂସ୍କୃତିକୁ ଭଲ ପାଆନ୍ତୁ ବୋଲି ସୂଚନା ଦେବା ସହିତ ଉନ୍ନତ ଭାରତ ପାଇଁ ଶିକ୍ଷାର ବିକାଶ ଜରୁରୀ ବୋଲି କହିଥିଲେ। ସେହିପରି ପର୍ଯ୍ୟଟନ ମନ୍ତ୍ରୀ ଶିକ୍ଷାର ବିକାଶରେ ସମାଜ ଓ ଅନୁଷ୍ଠାନର ବିକାଶ ସମ୍ଭବ ବୋଲି ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଝୀ ବିବରଣୀ ପାଠ, ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ଓ ସମ୍ପାଦକ କାହ୍ନୁଚରଣ ବେହେରା ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ପୁରାତନ ଶିକ୍ଷକ ଜଗବନ୍ଧୁ ବେହେରାଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ । ଅତିଥିମାନଙ୍କ ଦ୍ୱାରା ମୁଖପତ୍ର 'ସୁବର୍ଣ୍ଣ ଶ୍ରୀ' ଉନ୍ମୋଚିତ ହୋଇଥିଲା ।

# ଟଙ୍କା ନାହିଁ କହି ଆସିଲେନି ପୁଅ

## ବାପାଙ୍କୁ ମୁଖାଗ୍ନି ଦେଲେ ଝିଅ

କୁଳିଅଣା,୧୮।୪(ସ୍ୱ.ପ୍ର.)

ବାପାଙ୍କ ମୃତ୍ୟୁ ପରେ ମୋ ପାଖରେ ଟଙ୍କା ନାହିଁ କହି ପୁଅ ଘରକୁ ଆସିଲେନି। ଶେଷରେ ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ଝିଅ ମୁଖାଗ୍ନି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍ ମାରାଂଡାଣ୍ଡି ପଞ୍ଚାୟତର ଝିନେଇ ଗ୍ରାମରେ। ଘଟଣାରୁ ପ୍ରକାଶ ଯେ, ଉକ୍ତ ଗ୍ରାମର ଜଣେ ୮୫ ବର୍ଷୀୟ ବ୍ୟକ୍ତିଙ୍କ ରବିବାର ମଧ୍ୟାହ୍ନରେ ପରଲୋକ ଘଟିଥିଲା। ଭୁବନେଶ୍ୱରର ଏକ ସଂସ୍ଥାରେ ଚାକିରି କରୁଥିବା ତାଙ୍କ ପୁଅଙ୍କୁ ବାପାଙ୍କ ମୃତ୍ୟୁ ସମ୍ପର୍କରେ ଟେଲିଫୋନ ଯୋଗେ ଖବର ଦିଆଯାଇଥିଲା। ମାତ୍ର ପ୍ରତି ଉତ୍ତର ଆସିଥିଲା ଏବେ ମୋ ପାଖରେ ଟଙ୍କା ନାହିଁ, ମୁଁ ଯାଇ ପାରିବି ନାହିଁ। ପରେ ଗ୍ରାମବାସୀଙ୍କ ସହଯୋଗରେ ମୃତଦେହ ମଶାଣିକୁ ନିଆଯାଇଥିଲା। ସେଠାରେ ମୃତ ବୃଦ୍ଧଙ୍କ ଝିଅ ମୁଖାଗ୍ନି ଦେବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଅନେକ ଦିନରୁ ପୁଅ ମା'ବାପାଙ୍କୁ ନା ଦେଖାଶୁଣା କରୁଥିଲେ ନା ଚଳିବା ପାଇଁ ଖର୍ଚ୍ଚ ଦେଉଥିଲେ। ଝିଅ ଯାହା ରୋଜଗାର କରୁଥିଲେ ସେଥିରେ ମା' ବାପା ତିନିପ୍ରାଣୀ ଦୁଃଖ କଷ୍ଟରେ ଚଳୁଥିଲେ। ସ୍ଥାନୀୟ ୱାର୍ଡ ସଭ୍ୟ ବାଇଲୁ ଦଣ୍ଡପାଟ ମୃତକଙ୍କ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଥିବା ସୂଚନା ମିଳିଛି।

# ଜଳଲାଗି କଲେ ୫ଶହରୁ ଉର୍ଦ୍ଧ୍ୱ ଗୋପାଳ

## ବୈଶାଖର ପ୍ରଥମ ସୋମବାର

ଆରଡ଼ି,୧୮।୪(ଡି.ଏନ.ଏ.)


ଗୋପାଳମାନେ ପାଣିଭାର ଧରି ଧାଡ଼ିରେ ଛିଡ଼ା ହୋଇଛନ୍ତି।

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ବୈଶାଖ ମାସର ପ୍ରଥମ ସୋମବାର ୫ଶହରୁ ଉର୍ଦ୍ଧ୍ୱ ଗୋପାଳ ଜଳଲାଗି କରିଛନ୍ତି। ଭୋର ୫ଟାରେ ମନ୍ଦିରରେ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି ପରେ ବିଧି ଅନୁସାରେ ବାବାଙ୍କର ଅନ୍ୟ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ବେଢ଼ା ଓ ବେଢ଼ା ବାହାରେ ପ୍ରତୀକ୍ଷା କରିଥିବା ଗୋପାଳମାନେ ଜଣଙ୍କ ପରେ ଜଣେ ଶୃଙ୍ଖଳାର ସହ ମନ୍ଦିର ଗମ୍ଭୀରା ଗୃହକୁ ପାଣି ଭାର ନେଇ ପ୍ରବେଶ କରିଥିଲେ। ସେଠାରେ ଥିବା ପୂଜକମାନେ ଗୋପାଳଙ୍କଠାରୁ ପାଣି ନେଇ ବାବାଙ୍କ ମସ୍ତକରେ ଢାଳିଥିଲେ।

ପ୍ରକାଶ ଯେ, ବୈଶାଖର ପ୍ରତ୍ୟେକ ସୋମବାର ଜଳଲାଗି ପାଇଁ ସ୍ଥାନୀୟ ଗାଁର ଗୋପାଳମାନେ ରବିବାର ରାତିରୁ ବୈତରଣୀ ନଦୀରୁ ଜଳଭାର ଆଣି ପୀଠକୁ ଆସିଥାନ୍ତି। ବୈଶାଖରେ ପ୍ରଚଣ୍ଡ ଖରା ହେଉଥିବାରୁ ବାବାଙ୍କ ଶୀତଳ ଉପଚାର ଲାଗି ଏଠାରେ ଏଭଳି ଜଳଲାଗି ବ୍ୟାବସ୍ଥା ରହିଆସିଥିବା ବାବା ଆଖଣ୍ଡଳମଣି ବାରପଡ଼ା ଆଞ୍ଚଳିକ ଯାଦବ ମହାସଭା ସମ୍ପାଦକ ସତ୍ୟଜିତ ପଲାଇ କହିଛନ୍ତି। ବୈତରଣୀରେ କୁମ୍ଭୀର ଥିବାରୁ ଗୋପାଳମାନେ ସାଠିବାଙ୍କୁଡ଼ା, ବୋଡ଼କ ଆଦି ନଦୀଘାଟରେ ପୂର୍ବରାତିରୁ ଡଙ୍ଗା ବାନ୍ଧି ରଖୁଛନ୍ତି ଓ ସେଠାରୁ ପାଣି ଉଠାଇଛନ୍ତି। କୁମ୍ଭୀର ଡଙ୍ଗା ନିକଟକୁ ଆସେ ନାହିଁ ତଥାପି ଏହା ବିପଦମୁକ୍ତ ନୁହେଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବିଭିନ୍ନ ନଦୀଘାଟରେ ତାରଜାଲି ବାନ୍ଧିବା ଆବଶ୍ୟକ ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି

ଭଦ୍ରକ ଅଫିସ, ୧୮।୪

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କରୋନା କଟକଣା ଯୋଗୁ ଦୁଇବର୍ଷ ଧରି ବନ୍ଦ ଥିବା ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ସୋମବାରଠାରୁ ଆରମ୍ଭ ହୋଇଛି। ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଶୁଣାଣି କରାଯାଇଛି। ଜିଲାପାଳ ତ୍ରିଲୋଚନ ମାଝି, ଏସ୍‌ପି ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ମନୋଜ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ସମୁଦାୟ ଆଗତ ୩୫ ଅଭିଯୋଗର ଶୁଣାଣି କରାଯାଇଥିଲା। ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଡିଓ ଓ ତହସିଲଦାର ମାନେ ଶିବିରରେ ଉପସ୍ଥିତ ଥିଲେ।

## ଆଜାଦୀ କା ଅମୃତ ମହୋତ୍ସବ

ଢେଙ୍କିକୋଟ, ୧୮।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଢେଙ୍କିକୋଟ ସତ୍ୟନାରାୟଣ ମହାବିଦ୍ୟାଳୟ ପରିସର ମଧ୍ୟରେ ସୋମବାର ପୂର୍ବାହ୍ନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜାଦିକା ଅମୃତ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରାବାସ ବିଲଡିଙ୍ଗ ହଲରେ ଏକ ସଭାର ଆୟୋଜନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସାଧିକାରୀ (ସିଡିଏମଓ) ସୁଜାତା ରାଣୀ ମିଶ୍ର ସଭାରେ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଏମ୍‌ପି ଚନ୍ଦ୍ରାଣି ମୁର୍ମୁ, ମୁଖ୍ୟ ବକ୍ତା ଭାବେ ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ସମ୍ମାନନୀୟ ଅତିଥି ଭାବେ ଘଟଗାଁ ବିଡିଓ ନାରାୟଣ ସାହୁ, ଏବିଡିଓ ଚିତ୍ତରଞ୍ଜନ ନାୟକ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାୟକ, ଘଟଗାଁ ବ୍ଲକ ସିଡିପିଓ ଶୁଭଶ୍ରୀ ମିଶ୍ର, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ବ୍ଲକସ୍ତରୀୟ ମହୋତ୍ସବରେ ୧୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଘଟଗାଁ ବ୍ଲକ ଏବିଡିଓ ଚିତ୍ତରଞ୍ଜନ ନାୟକ ଏବଂ ଇଲେକ୍ଟ୍ରୋନିକ ମିଡ଼ିଆ ଖବରଦାତା ଛବୀନ୍ଦ୍ର ଜେନାଙ୍କ ସମୂହ ୧୫ ଜଣ ଅଙ୍ଗଦାନ ନିମନ୍ତେ ପଞ୍ଜିକୃତ କରିଛନ୍ତି। ଅପରାହ୍ନ ୪ଟାରେ ଉତ୍ସବ ଉଦ୍‌ଯାପନ ହୋଇଥିଲା।

## 'ଲୋକଙ୍କ ସ୍ୱାର୍ଥ ରକ୍ଷା ଲାଗି ଲଢ଼େଇ ଜାରି ରହିବ'



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

ଭଣ୍ଡାରିପୋଖରୀ, ୧୮।୪ (ଡି.ଏନ.ଏ)

ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସ ଉଦ୍ୟମ ଜାରି ରଖିବ। ପଞ୍ଚାୟତ ନିର୍ବାଚନ ପରେ ବ୍ଲକ ବିଜେଡି କବ୍‌ଜାକୁ ଯାଇଥିବା ଯୋଗୁ ବ୍ଲକ ସମ୍ମିଳନୀ କକ୍ଷକୁ ଦଳୀୟ କାର୍ଯ୍ୟରେ ବ୍ୟବହାର ପାଇଁ କାମ କରିବା ଓ ସରକାରୀ କର୍ମଚାରୀମାନଙ୍କୁ ଚାପଗ୍ରସ୍ତ କରିବା ସହ ପୋଲିସ ସହାୟତାରେ ବିଭିନ୍ନ ମିଛ ମାମଲା ରୁଜୁ କରି ଲୋକଙ୍କୁ ଭୟଭୀତ କରାଯାଉଛି। ଭଣ୍ଡାରିପୋଖରୀ ସ୍ଥିତ ଦଳୀୟ କାର୍ଯ୍ୟାଳୟ ରାଜୀବ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ଆରୋପ କରାଯାଇଛି। ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ ଏଭଳି ଆରୋପ ଆଣିବା ସହ ଦଳ ୩୦ ହଜାର ଭୋଟ୍ ପାଇଥିବାରୁ ସଂଖ୍ୟା ଖେଳରେ ହାରିଥିଲେ ମଧ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ ଜାରି ରହିବ ବୋଲି କହିଥିଲେ। ସରକାରୀ ଅଧିକାରୀ ଓ ସ୍ଥାନୀୟ ପୋଲିସ କ୍ଷମତାସୀନ ଦଳର ଏଜେଣ୍ଟ ନ ସାଜି ସାଧାରଣ ଲୋକଙ୍କୁ ଦଳଗତ ନିର୍ବିଶେଷରେ ସେବା ଯୋଗାଇଦେବାକୁ ସେ ଦାବି କରିଛନ୍ତି। ଏହି ଅବସରରେ ପଞ୍ଚାୟତ ନିର୍ବାଚନର ସମୀକ୍ଷା କରାଯାଇଥିଲା। କଂଗ୍ରେସର ବ୍ଲକ ସଭାପତି ରଜନୀକାନ୍ତ ଚନ୍ଦ, ପୀତାମ୍ବର ନାୟକ, ଗୋଲକ ଚନ୍ଦ୍ର ବେହେରା, ସବିତା ଚନ୍ଦ, ପ୍ରଶାନ୍ତ ସାହୁ, ବିଜୟ ଶଙ୍କର ମହାନ୍ତି, ରମେଶ ଭାରତୀ, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଷ୍ଟାଡ଼ିୟମ୍ ସ୍ଥାନାନ୍ତର ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ


ଇନ୍‌ଡୋର ଷ୍ଟାଡ଼ିୟମ୍‌କୁ ବିରୋଧ କରି ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଅଞ୍ଚଳବାସୀ।

ବାଲେଶ୍ୱର ଅଫିସ, ୧୮।୪

ବାଲେଶ୍ୱର ଜିଲା ଜଳେଶ୍ୱର ପୌର ପାଳିକାର ଶାନ୍ତିଆ ମୌଜାର ଖାତା ନମ୍ବର ୯୩୮ରେ ଥିବା ୪. ୨୮ ଏକର ଗୋଚର ଜମିରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍ ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। କାର୍ଯ୍ୟ ଆରମ୍ଭ ହେବାର ଅଳ୍ପ ଦିନ ମଧ୍ୟରେ ସ୍ଥାନୀୟ ବାସିନ୍ଦା ଏହାର ସ୍ଥାନାନ୍ତର ପାଇଁ ଦାବି କରିବା ସହ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦୀର୍ଘ ୫୦ବର୍ଷ ଧରି ଶାନ୍ତିଆଠାରେ ଥିବା ଉକ୍ତ ଗୋଚର ସ୍ଥାନକୁ ଉନ୍ନତିକରଣ କରି ଗ୍ରାମର ଯୁବକମାନେ ନେତାଜୀ ଷ୍ଟାଡ଼ିୟମ ନାମରେ ବ୍ୟବହାର କରିଆସୁଛନ୍ତି। ଏହା ଏକ ଉତ୍ତମ ସ୍ଥାନ ହୋଇଥିବାରୁ ଏଠାରେ ବ୍ଲକ ଓ ପୌରପାଳିକାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଥିଲା। ସେହିପରି ସ୍ଥାନୀୟ ଅଞ୍ଚଳର ପ୍ରତ୍ୟହ ବରିଷ୍ଠ ନାଗରିକମାନେ ପ୍ରାତଃ ଭ୍ରମଣ କରିବା, କ୍ରିକେଟ ଟୁର୍ନାମେଣ୍ଟ, ବିଦ୍ୟାଳୟଗୁଡ଼ିକରେ ବାର୍ଷିକ ଖେଳ ଓ ଉତ୍ସବ, ସାଧାରଣତନ୍ତ୍ର, ସ୍ୱାଧୀନତା ଦିବସ ପାଳନ ଏବଂ ବହୁ ସାମାଜିକ ସଙ୍ଗଠନ ଦ୍ୱାରା ସାଂସ୍କୃତିକ ଓ ବାର୍ଷିକ ଉତ୍ସବ ସହିତ ବିଶେଷ କାର୍ଯ୍ୟକ୍ରମରେ ହେଲିକପ୍ଟର ମଧ ଅବତରଣ କରିଥାଏ। ଉକ୍ତ ପଡ଼ିଆ ମଝିରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍ ନିର୍ମାଣ ହେଉଥିବାରୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇ ନ ପାରିବାରୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଷ୍ଟାଡ଼ିୟମ୍‌କୁ ପଡ଼ିଆର ପଶ୍ଚିମ ପାର୍ଶ୍ୱକୁ ସ୍ଥାନାନ୍ତର କରିବା ପାଇଁ ଦାବି ହୋଇଛି। ଫଳରେ ଇନ୍‌ଡୋର ଷ୍ଟାଡ଼ିୟମ୍ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକ୍ରମ ଠିକ୍‌ରେ ହୋଇପାରିବ ବୋଲି ଭାଜପା ନେତା ଅରୁଣ ବେଜ, ସୀତାରାମ ସେନାପତି, କାର୍ତ୍ତିକ ଚନ୍ଦ୍ର ଗିରି, ନଗେନ୍ଦ୍ର କର, ଅଶ୍ୱିନୀ କୁମାର ଜେନା, ସଞ୍ଜୟ କୁମାର ରଣା, ଦେବଯାନୀ ଅଣ୍ଡିଆ ପ୍ରମୁଖ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବି ଜଣାଇଛନ୍ତି।

## ଧାମନଗର କଲେଜ ମୁଖ୍ୟ ଫାଟକ ଉଦ୍‌ଘାଟିତ

ଧାମନଗର, ୧୮।୪ (ଡି.ଏନ.ଏ)

ଭଦ୍ରକ ଜିଲା ଧାମନଗର କଲେଜର ମୁଖ୍ୟ ଫାଟକ ସୋମବାର ଉଦ୍‌ଘାଟିତ ହୋଇଛି। ସେହିପରି ଗଜାନନ, ସରସ୍ୱତୀ, ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ବୋଷ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଆଦି ଉନ୍ମୋଚନ କରାଯାଇଛି। ଅଧକ୍ଷ ପବିତ୍ର ପାଣିଗ୍ରାହୀଙ୍କ ସଂଯୋଜନାରେ ଅବସରପ୍ରାପ୍ତ ଅଧକ୍ଷ ରମେଶ ଚନ୍ଦ୍ର ପାଟ, ନିତ୍ୟାନନ୍ଦ ମିଶ୍ର, ଗଣେଶ ପ୍ରସାଦ ରଥ, ଗୋଲକ ଚନ୍ଦ୍ର ପଣ୍ଡା, ଆଦିତ୍ୟ କୁମାର ପଣ୍ଡା, ପ୍ରାଧ୍ୟାପିକା ଡ. ସ୍ୱପ୍ନା ସାମନ୍ତ, କାନନବାଳା ଆଚାର୍ଯ୍ୟ, ଡ. ସୁମିତା ମହାପାତ୍ର, ଡ. ଅବନୀ ପ୍ରଧାନ, ରବିନାରାୟଣ ନନ୍ଦ, କୃତ୍ତିବାସ ତ୍ରିପାଠୀ, ସଚ୍ଚିକାନ୍ତ ପଣ୍ଡା ଏବଂ କଲେଜର ଅନ୍ୟତମ ସହଯୋଗୀ ପ୍ରତିଷ୍ଠାତା ରବୀନ୍ଦ୍ର ନାଥ କର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ କଲେଜ ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କଲେଜର ଅଧାପିକା, ଅଧାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଥାଉକି, ସମସ୍ତ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ଆର୍ଥିକ ସହାୟତାରେ ସାତଟି ପ୍ରତିମୂର୍ତ୍ତି ଏବଂ କଲେଜ ଅର୍ଥରାଶିରେ ଫାଟକ ନିର୍ମାଣ କରାଯାଇଛି।

## 'ସ୍କୁଲ ଯିବାକୁ ହଁ, ବାଲ୍ୟ ବିବାହକୁ ନା'

କେନ୍ଦୁଝର, ୧୮।୪(ଡିଏନ୍‌ଏ)

'ସ୍କୁଲ ଯିବାକୁ ହଁ, ବାଲ୍ୟ ବିବାହକୁ ନା' ସମ୍ପର୍କିତ ଜିଲାବ୍ୟାପୀ ସମୂହ ଶପଥ ପାଠ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଓ ଶିଶୁମାନଙ୍କର ସୁରକ୍ଷା ପାଇଁ ଜିଲାପାଳ ଆଶିଷ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ବ୍ଲକରେ ପଞ୍ଚାୟତ ଓ ଗୋଷ୍ଠୀସ୍ତରୀୟ ଫେଡେରେଶନ ତତ୍ତ୍ୱାବଧାନରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସାମୁହିକ ଭାବେ ଶପଥ ପାଠ କରିଥିଲେ। ଜିଲାର ୨୬ହଜାର ୩୫୫ ସ୍ୱୟଂ ସହାୟକ ଗୋଷ୍ଠୀର ୨ଲକ୍ଷ ୬୭ ହଜାରରୁ ଉର୍ଦ୍ଧ୍ୱ ସଦସ୍ୟା ଉପରୋକ୍ତ ଶପଥ ପାଠ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଅନସୂୟା ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ମିଶନ ଶକ୍ତି ସଂଯୋଜକ ଶିଶିର ଷଡଙ୍ଗୀ, ଜିଲା ବାଲ୍ୟ ବିବାହ ନିରାକରଣ ସଂଯୋଜିକା ପ୍ରିୟଙ୍କା ମଲ୍ଲିକ, ଆକସନଏଡ ଓ ୟୁନିସେଫର କର୍ମକର୍ତ୍ତା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ମତୁଆଲା

ଖଇରା/ଔପଦା, ୧୮।୪(ଡି.ଏନ.ଏ.)


ଉଦ୍‌ଯାପନୀ ସମାରୋହର ମଞ୍ଚାସୀନ ଅତିଥି।

## ଔପଦା ଆଞ୍ଚଳିକ ମହୋତ୍ସବ ଉଦ୍‌ଯାପିତ

ବାଲେଶ୍ୱର ଜିଲା ଅଧୀନ ଔପଦା ହାଇସ୍କୁଲ ପଡିଆରେ ଚାଲିଥିବା ଔପଦା ଆଞ୍ଚଳିକ ମହୋତ୍ସବ ରବିବାର ସନ୍ଧ୍ୟାରେ ସଭା, ସମ୍ବର୍ଦ୍ଧନା ସାଙ୍ଗକୁ ସଙ୍ଗୀତ, ଲୋକନୃତ୍ୟର ତାଳେ ତାଳେ ଶେଷ ହୋଇଯାଇଛି । ମହୋତ୍ସବ କମିଟି ସଭାପତିଅଶୋକ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସୋର ବିଧାୟକ ପର୍ଶୁରାମ ଧଡା ମୁଖ୍ୟଅତିଥି, ଓଷ୍ଟାର ପ୍ରାକ୍ତନ ଜିଲା ସଭାପତି ଜିତେନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମହୋତ୍ସବ କଳା ସଂସ୍କୃତିକୁ ସୁଦୃଢ଼ କରି ରଖିବାର ବଳିଷ୍ଠ ମାଧ୍ୟମ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ନରହରି ନାୟକ ବିବରଣୀ ପାଠ କରିଥିବା ବେଳେ ସଂଗ୍ରାମ ରାଉତ ଓ ଜୟଶ୍ରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପାରଙ୍ଗମ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଓଡିଶା ସଂସ୍କୃତି ବିଭାଗ ପ୍ରଦତ୍ତ ସମ୍ବଲପୁରୀ ଓ ଅନ୍ୟାନ୍ୟ ଲୋକନୃତ୍ୟକୁ ଦର୍ଶକ କରତାଳି ଦେଇ ସ୍ୱାଗତ କରିଥିଲେ। ଶେଷରେ ସୁନାମଧନ୍ୟ ଗାୟକ ମଣ୍ଟୁ ଛୁରିଆଙ୍କ ଗୀତ ଓ ନୃତ୍ୟ ଉଦ୍‌ଯାପନୀ ଦିବସର ମୁଖ୍ୟ ଆକର୍ଷଣ ଥିଲା। ତାଙ୍କ ସହ ତାଳଦେଇ ଦର୍ଶକମାନେ ମତୁଆଲା ହୋଇଥିଲେ। ଏହାଛଡା ଅନ୍ୟାନ୍ୟ ଦିବସରେ ଚଳଚ୍ଚିତ ତାରକା ତଥା ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ନାୟିକା ଶିବାନୀ, କଣ୍ଠଶିଳ୍ପୀ ଜାଗୃତି ମିଶ୍ରଙ୍କ ଉପସ୍ଥିତି ମହୋତ୍ସବକୁ ସରସ ସୁନ୍ଦର କରିଥିଲା।

# ମେ' ୨୦ରୁ ରବି ଧାନ କିଣା

ବାରିପଦା ଅଫିସ,୧୮।୪

ମୟୂରଭଞ୍ଜ ଜିଲାର ଚାଷୀଙ୍କଠାରୁ ଚଳିତ ୨୦୨୧-୨୨ବର୍ଷ ପାଇଁ ରବି ଧାନ କ୍ରୟ ନିମନ୍ତେ ଜିଲାସ୍ତରୀୟ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କମିଟି ବୈଠକ ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଗାଣ, ଆର୍‌ଏମ୍‌ସି ଏବଂ ଡିଆର୍‌ସିଏସ୍ ବିଭାଗର ମିଳିତ ତତ୍ତ୍ୱାବଧାନରେ ୧୭ଟି ଧାନ କ୍ରୟ କେନ୍ଦ୍ର(ମଣ୍ଡି)ମାନଙ୍କରେ ଆସନ୍ତା ମେ' ୨୦ରୁ ରବି ଧାନ କ୍ରୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ, ପିଡି ଡିଆରଡିଏ ପି. ଅନ୍ୱେଷା ରେଡ୍ଡି, ଜିଲା ମୁଖ୍ୟ କୃଷି ଅଧିକାରୀ ରବୀନ୍ଦ୍ର କୁମାର ଖଟୁଆ ପ୍ରମୁଖଙ୍କ ସମେତ ଜିଲାର ବହୁ ଅଧିକାରୀ, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି, ଜିଲାର ମିଲରର୍ସ ଏବଂ ଚାଷୀ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ରବି ଋତୁରେ ଜିଲାର ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ କ୍ରୟ ନିମନ୍ତେ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ସମ୍ପର୍କିତ ସବିଶେଷ କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ରବି ଧାନ ବିକ୍ରି ପାଇଁ ଚାଷୀ ଅନଲାଇନରେ ଆବେଦନ କରି ନାମ ପଞ୍ଜୀକୃତ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥି ପାଇଁ ଅଦ୍ୟାବଧି ୨,୯୮୬ଜଣ ଚାଷୀ ଲ୍ୟାମ୍ପସ ଓ ସମବାୟ ସମିତି ମାଧ୍ୟମରେ ନାମ ପଞ୍ଜୀକୃତ କରିଛନ୍ତି। ଚଳିତ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ଯଥାକ୍ରମେ ଏଫ୍‌ଏକ୍ୟୁ ଗ୍ରେଡ୍ ସାଧାରଣ ମାନ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଏବଂ ଏଫ୍‌ଏକ୍ୟୁ ଗ୍ରେଡ୍ 'ଏ' ମାନ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୬୦ଟଙ୍କା ଧାର୍ଯ୍ୟ କରାଯାଇଛି। ବିକ୍ରୟ ଧାନର ସହାୟକ ମୂଲ୍ୟ ଚାଷୀଙ୍କ ପଞ୍ଜୀକୃତ ବ୍ୟାଙ୍କ ପାସ୍ ବହିରେ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନ୍‌ଲାଇନ ମାଧ୍ୟମରେ ପ୍ରଦାନ କରାଯିବ। ମଣ୍ଡିରେ ଧାନ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ତାରପୋଲିନ ସେଡ୍, କ୍ୟାପଷ୍ଟୋରେଜ୍ (ଗୋଡାଉନ) ସହ ଚାଷୀମାନଙ୍କ ସୁବିଧା ପାଇଁ ପାନୀୟଜଳ, ବିଶ୍ରାମ ସ୍ଥଳ, ଶୌଚାଳୟ ଆଦି ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ଲାଗି ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

